ଓଡିଶା ସରକାର

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

****

No. RDM-LAB-RGD-0002-2023- 33678 /R&DM, Dated 09 SEP 2025

**ସାମାଜିକ ପ୍ରଭାବ ନିର୍ଦ୍ଧାରଣ ନିମନ୍ତେ ଅଧିସୂଚନା**

ରାଜ୍ୟ ସରକାର, ପ୍ରଭାବିତ କ୍ଷେତ୍ର ଜିଲ୍ଲାପାଳ ରାୟଗଡାଙ୍କ ଅନୁରୋଧକ୍ରମେ ନିମ୍ନଲିଖିତ ଭୂମି ଅଧିଗ୍ରହଣ କରିବାକୁ ଚାହୁଁଛନ୍ତି ଏବଂ ସେଥି ନିମନ୍ତେ ସର୍ବସାଧାରଣ ଉଦ୍ଦେଶ୍ୟରେ ପ୍ରଭାବିତ ଅଞ୍ଚଳରେ ସାମାଜିକ ପ୍ରଭାବ ନିର୍ଦ୍ଧାରଣ ( Social Impact Assessment) ସର୍ବେକ୍ଷଣ କରିବାକୁ ଚାହୁଁଛନ୍ତି । ଭୂମି ଅର୍ଜନ, ପୁନର୍ବାସ ଓ ଥଇଥାନରେ ଉଚିତ ମୂଲ୍ୟ ଏବଂ ସ୍ୱଚ୍ଛତା ଅଧିକାର ଆଇନ -୨୦୧୩ ର ଧାରା ୪ ଅନୁଯାୟୀ ଉକ୍ତ ସର୍ବେକ୍ଷଣ କରାଯିବ ।

**୧. ପ୍ରକଳ୍ପ ବିକାଶକାରୀଙ୍କ ନାମ:-** ଅଧୀକ୍ଷଣ ଯନ୍ତ୍ରୀ କ୍ଷୁଦ୍ର ଜଳସେଚନ ବିଭାଜନ, ରାୟଗଡା ।

**୨. ପ୍ରସ୍ତାବିତ ଭୂମି ଅଧିଗ୍ରହଣ ର ଉଦ୍ଦେଶ୍ୟ:-** ଜଗଦଲପୁର କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ନିର୍ମାଣ ନିମନ୍ତେ ।

**୩.SIA ସର୍ବେକ୍ଷଣ ଅନୁଷ୍ଠାନ:- AGRANEE,Mayurbhanj** an empanelled agency under Nabakrushna Choudhary Centre for Development Studies, Bhubaneswar.

**୪. SIA study କରୁଥିବା ଅନୁଷ୍ଠାନର ଯୋଗାଯୋଗ ସୂଚନା:-** Nabakrushna Choudhary Centre for Development Studies, Bhubaneswar, Phone No.0674 2300471, 2301094.

**୫. ପ୍ରକଳ୍ପ ପାଇଁ ରାୟଗଡା ଜିଲ୍ଲାରେ ପ୍ରସ୍ତାବିତ ଭୂମି ଅଧିଗ୍ରହଣର ବିବରଣୀ /ତଫସିଲ**

| କ୍ର. ନଂ | ତହସିଲ | ଗ୍ରାମ | ବେସରକାରୀ ଜମି | ସରକାରୀ ଜମି | ମନ୍ତବ୍ୟ |
|---|---|---|---|---|---|
| ୧ | ମୁନିଗୁଡା | ଧୁମରଗାଁ | ଏ. ୧.୦୧ | ୦ | - |

ଏଥି ସହିତ ଭୂମି ଅନୁସୂଚୀ ସଂଲଗ୍ନ କରାଯାଇଅଛି ।

**(କ) ପ୍ରସ୍ତାବିତ ପ୍ରକଳ୍ପ ର ସଂକ୍ଷିପ୍ତ ବିବରଣୀ:-** ରାୟଗଡା ଜିଲ୍ଲା ମୁନିଗୁଡା ତହସିଲ ଅନ୍ତର୍ଗତ ୦୧ ଗୋଟି ମୌଜା ଯଥା ଧୁମରଗାଁ ଠାରେ ମୋଟ ଏ. ୧.୦୧ ଘରୋଇ ଜମିରେ ଜଗଦଲପୁର କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ନିର୍ମାଣ ନିମନ୍ତେ , ଅଧୀକ୍ଷଣ ଯନ୍ତ୍ରୀ କ୍ଷୁଦ୍ର ଜଳସେଚନ ବିଭାଜନ, ରାୟଗଡା ଦ୍ୱାରା ଭୂମି ଅଧି ଗ୍ରହଣ ଆବଶ୍ୟକ ହେଉଅଛି ।

**(ଖ)SIA ସର୍ବେକ୍ଷଣରେ ଅନ୍ତର୍ଭୁକ୍ତ ପ୍ରକଳ୍ପ ଅଞ୍ଚଳ ଏବଂ ପ୍ରକଳ୍ପ ପ୍ରଭାବିତ ଅଞ୍ଚଳ :-** ରାୟଗଡା ଜିଲ୍ଲା ରେ ଉପରୋକ୍ତ ୦୧ ଗୋଟି ମୌଜା ରେ ଏ. ୧.୦୧ ଘରୋଇ ଜମି ଅନ୍ତର୍ଭୁକ୍ତ । ପ୍ରକଳ୍ପ ପ୍ରଭାବିତ ଜମିର ବିସ୍ତୃତ ତାଲିକା / ତଫସିଲ SIA ସର୍ବେକ୍ଷଣ ଅନ୍ତେ ମିଳି ପାରିବ ।

**(ଗ) ଗ୍ରାମସଭା / ଭୂମି ମାଲିକଙ୍କ ସହମତି ଆବଶ୍ୟକ କି ?** ଯଦି ଏହି ଅଧିଗ୍ରହଣ ଘରୋଇ କମ୍ପାନୀଙ୍କ ପାଇଁ ହେଉଥାଏ ତେବେ ୮୦ ପ୍ରତିଶତ ପ୍ରଭାବିତ ପରିବାରଙ୍କ ପୂର୍ବସମ୍ମତି ଆବଶ୍ୟକ ପଡ଼ିବ ଏବଂ ଯଦି ସରକାରୀ ବେସରକାରୀ ଭାଗିଦାରୀ ପ୍ରକଳ୍ପ ନିମନ୍ତେ ଏହି ଅଧିଗ୍ରହଣ ହେଉଥାଏ ତେବେ ୭୦ ପ୍ରତିଶତ ପ୍ରଭାବିତ ପରିବାରଙ୍କ ପୂର୍ବସମ୍ମତି ଆବଶ୍ୟକ ପଡ଼ିବ ।

**(ଘ) SIA ସର୍ବେକ୍ଷଣର ପ୍ରାଥମିକ ଉଦ୍ଦେଶ୍ୟ ଏବଂ ମୁଖ୍ୟ କାର୍ଯ୍ୟାବଳୀ** :- ସର୍ବସାଧାରଣ ଉଦ୍ଦେଶ୍ୟ ନିର୍ଦ୍ଧାରଣ ପ୍ରଭାବିତ ଅଞ୍ଚଳରେ ଥିବା ସମସ୍ତ ଗ୍ରାମବାସୀ ଙ୍କ ପରାମର୍ଶ କ୍ରମେ SIA ସର୍ବେକ୍ଷଣ କରାଯିବ। SIA ସର୍ବେକ୍ଷଣ କ୍ଷେତ୍ର ପରିଦର୍ଶନ, ପ୍ରଭାବିତ ବ୍ୟକ୍ତିଙ୍କ ସାମୁହିକ ଆଲୋଚନା ଏବଂ ପ୍ରଭାବିତ ବ୍ୟକ୍ତିଙ୍କ ମତାମତ ଚୁଡାନ୍ତ ରିପୋର୍ଟ ରେ ସ୍ଥାନିତ ହେବ। ପ୍ରଭାବିତ ଅଞ୍ଚଳରେ ଜନଶୁଣାଣି ପ୍ରକ୍ରିୟା ନିମନ୍ତେ ଓଡିଶା ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ନିୟମାବଳୀ ୨୦୧୬ ର ନିୟମ-୧୪ ଦ୍ରଷ୍ଟବ୍ୟ।

(ଙ) SIA ସର୍ବେକ୍ଷଣ ଆରମ୍ଭ ଏବଂ ସମାପନ ରିପୋର୍ଟ ପ୍ରଦାନ ଏବଂ ତାହାର ପ୍ରକାଶନ ସରକାରୀ ବିଜ୍ଞପ୍ତି ପ୍ରକାଶିତ ଦିବସଠାରୁ ୩୦ ଦିନ ମଧ୍ୟରେ SIA ସର୍ବେକ୍ଷଣ ସମାପନ କରାଯିବ। SIA ସର୍ବେକ୍ଷଣ ରିପୋର୍ଟ ସମ୍ପୃକ୍ତ ପ୍ରଭାବିତ ପଞ୍ଚାୟତ /ଗ୍ରାମ/ୱାର୍ଡ ସ୍ତରରେ ସ୍ଥାନୀୟ ଭାଷାରେ ପ୍ରକାଶନ କରାହେବ । ତତସହିତ ଜିଲ୍ଲାପାଳ, ଉପଜିଲ୍ଲାପାଳ ଏବଂ ବ୍ଲକ ମହକୁମାରେ ପ୍ରକାଶନ କରାଯିବ ଏବଂ ସର୍ବସାଧାରଣଙ୍କ ଗୋଚରାର୍ଥେ ସରକାରଙ୍କ ୱେବ ସାଇଟ ରେ ସୂଚିତ ହେବ ।

ରାଜ୍ୟପାଳଙ୍କ ଆଦେଶାନୁସାରେ

(ମଧୁସ୍ମିତା ସାହୁ)

ଅତିରିକ୍ତ ଶାସନ ସଚିବ

Memo No. 33699 Dated 09 SEP 2025

Copy along with the land schedule forwarded to the Director, Printing Stationery and Publication, Odisha, Cuttack for information and necessary action. He is requested to publish the Notification within 15(Fifteen) days without fail in the next issue of the Odisha Gazette as this is a statutory one and supply 05 copies of this said gazette to Collector, Rayagada/Revenue & D.M.Department/ Department of Water Resources / Secretary to RDC(SD), Berhampur/ Land Acquisition Officer, Rayagada/Tahasildar-cum-LAO, Muniguda .

SRO Number may be allotted to this publication.

9/9/2025

Under Secretary to Government

Memo No. 33700 Dated 09 SEP 2025

Copy forwarded to Superintending Engineer,M.I. Division Rayagada for information and necessary action.

9/9/2025

Under Secretary to Government

Memo No. 33701 Dated 09 SEP 2025

Copy forwarded to Secretary to RDC(SD), Berhampur /Collector, Rayagada / Land Acquisition Officer, Rayagada/Tahasildar-cum-LAO, Muniguda for information and necessary action.

9/9/2025

Under Secretary to Government

Memo No. 33702 Dated 09 SEP 2025

Copy forwarded to the State Co-ordinator, Nabakrushna Choudhury Centre for Development Studies, Bhubaneswar for information and necessary action.

9/9/2025

Under Secretary to Government

Memo No. 33703 Dated 09 SEP 2025

Copy forwarded to the E-Governance Branch with a request to upload the notification in the website.

9/9/2025

Under Secretary to Government

# ଜମିର ତାଲିକ ପୃଷ୍ଠା ୧

ପ୍ରସ୍ତାବିତ ଜଗଦଲପୁର କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ଧୁମରଗାଁ ଗ୍ରାମର ଜମିରେ କେନାଲ ନିର୍ମାଣ ସକାଶେ ,ଜିଲ୍ଲା -ରାୟଗଡା

ଗ୍ରାମ : ଧୁମରଗାଁ, ତହସିଲ :ମୁନିଗୁଡା , ଥାନା : ଅମ୍ବଦଲା, (ନଂ ୨୨୦) ଜିଲ୍ଲା : ରାୟଗଡା

## ବ୍ୟକ୍ତିଗତ ଜମି

| କ୍ରମିକ ନଂ | ୧ | ୨ | ୩ | ୪ | ୫ | ୬ | ୭ | ୮ |
|---|---|---|---|---|---|---|---|---|
| | ଖତିୟାନ ନଂ | ପ୍ଲଟ ନଂ | ମୌଜା | ଗ୍ରା:ପ | ରକବା | ଅଧିଗ୍ରହଣ ରକବା | କିସମ | ଅଭିଲିଖିତ ରୟତ ନାମ |
| ୧ | ୯/୧୫ | ୫୭/୧୧୫ | ଧୁମରଗାଁ | ଜଗଦଲପୁର | ୧.୦୦ | ୦.୨୦୦ | ଡଙ୍ଗର ୨ | ଫୁଲ ସାରକା ପି: ସାରକା କାନ୍ଧରା ଜା: କନ୍ଧ ବା: ନିଜଗାଁ |
| ୨ | ୯/୧୪ | ୫୭/୧୧୪ | ଧୁମରଗାଁ | ଜଗଦଲପୁର | ୧.୧୦ | ୦.୧୫୦ | ଡଙ୍ଗର ୨ | ରବି ସାରକା ପି: ସାରକା କାନ୍ଧରା ଜା: କନ୍ଧ ବା: ନିଜଗାଁ |
| ୩ | ୯/୧୬ | ୫୭ | ଧୁମରଗାଁ | ଜଗଦଲପୁର | ୧.୦୦ | ୦.୦୮୦ | ଡଙ୍ଗର ୨ | ଗମଙ୍ଗ ସାରକା ପି: ସାରକା କାନ୍ଧରା ଜା: କନ୍ଧ ବା: ନିଜଗାଁ |
| ୪ | ୯/୧୧ | ୫୭/୧୧୩ | ଧୁମରଗାଁ | ଜଗଦଲପୁର | ୨.୦୦ | ୦.୨୯୦ | ଡଙ୍ଗର ୨ | ରାମଚନ୍ଦ୍ର ସାରକା ପି: ସାରକା କାନ୍ଦରା ଜା: କନ୍ଧ ବା: ନିଜଗାଁ |
| ୫ | ୯/୧୦ | ୫୭/୧୧୨ | ଧୁମରଗାଁ | ଜଗଦଲପୁର | ୨.୦୦ | ୦.୨୯୦ | ଡଙ୍ଗର ୨ | ବନମାଳି ସାରକା ପି:କାନ୍ଦାରା ସାରକା ଜା: କନ୍ଧ ବା: ନିଜଗାଁ |

ମୋଟ . Ac୧.୦୧

Land Acquisition Collector
RAYAGADA

ଭୂ-ଅର୍ଜନ ଅଧିକାରୀ
MUNIGUDA
ମୁନିଗୁଡା , ଜିଲ୍ଲା ରାୟଗଡା